ଭାରତର କମ୍ୟୁନିଷ୍ଟ ପାର୍ଟି (ଏମ୍)

ବନାମ

ଭାରତ କୁମାର ଏବଂ ଅନ୍ୟମାନେ

ନଭେମ୍ବର 12,1997

[ଜେ.ଏସ୍.ବର୍ମା ମୁଖ୍ୟ ବିଚାରପତି, ବି.ଏନ୍. କିରପାଲ ଏବଂ ଭି.ଏନ୍. ଖାରେ, ନ୍ୟାୟମୂର୍ତ୍ତିଗଣ]

*ଭାରତର ସମ୍ବିଧାନ, 1950: ଅନୁଚ୍ଛେଦ 19 ଏବଂ 21 ।*

*ବନ୍ଦ-ରାଜନୈତିକ ପକ୍ଷମାନଙ୍କ ଦ୍ୱାରା 'ବନ୍ଦ' ଡାକରା ଏବଂ ଲାଗୁ କରିବା—କେରଳ ହାଇକୋର୍ଟଙ୍କ ଦ୍ୱାରା ଅସାମ୍ବିଧାନିକ ଦର୍ଶାଯାଇଛି—ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ—ଅନ୍ୟ ନାଗରିକଙ୍କ ମୌଳିକ ସ୍ୱାଧୀନତାର ପ୍ରୟୋଗରେ ହସ୍ତକ୍ଷେପ କରୁଥିବା 'ବନ୍ଦ' ଡାକିବାର କିମ୍ବା ଲାଗୁ କରିବାର କୌଣସି ଅଧିକାର ରହିପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ତାଙ୍କ ନିର୍ଣ୍ଣୟରେ ଠିକ ଥିଲେ ବୋଲି ଦର୍ଶାଯାଇଛି—ସାମଗ୍ରିକ ଭାବେ ଲୋକଙ୍କ ମୌଳିକ ଅଧିକାର, କୌଣସି ବ୍ୟକ୍ତି କିମ୍ବା କେବଳ ଏକ ବର୍ଗର ଲୋକଙ୍କ ମୌଳିକ ଅଧିକାରର ଦାବିର ଉପଯୋଗୀ ହୋଇପାରିବ ନାହିଁ—ଏକ 'ବନ୍ଦ' ଏବଂ ସାଧାରଣ ଧର୍ମଘଟ କିମ୍ବା 'ହରତାଳ'ର ଡାକରା ମଧ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ପାର୍ଥକ୍ୟ ଉତ୍ତମ ଭାବରେ ବର୍ଣ୍ଣିତ ହୋଇଛି—ଆକ୍ଷେପିତ ରାୟ କୌଣସି ହସ୍ତକ୍ଷେପ ଆବଶ୍ୟକ କରେ ନାହିଁ ବୋଲି ଦର୍ଶାଯାଇଛି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 7728-29/1997 ।

ଓ.ପି. ସଂଖ୍ୟା 3040/88,12343/91 ଏବଂ 7827/1997ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ତା28.7.97ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୋଲି ଜେ. ସୋରାବଜୀ ଏବଂ ହରିଶ ସାଲଭେ, ଜି. ପ୍ରକାଶ, ସୁଶ୍ରୀ ବୀଣା ପ୍ରକାଶ ଏବଂ ପି.ପି. ବିନୀତ ।

ଉତ୍ତରଦାତା ସଂଖ୍ୟା 1-9ଙ୍କ ପାଇଁ କୃଷ୍ଣମୂର୍ତ୍ତି ସ୍ୱାମୀଙ୍କ ପାଇଁ ମଥାଇ ଏମ୍. ପିୟାକେଡେ ଏବଂ ପି.ଆଇ. ଜୋସ, (ଏ. ରଘୁନାଥ) ।

କେରଳ ରାଜ୍ୟ ପାଇଁ କେ.ଏମ୍.କେ. ନାଏର ଏବଂ ବିଜନ ଘୋଷ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ହରିଶ ସାଲଭେ ଏବଂ ଶ୍ରୀଯୁକ୍ତ ସୋଲି ଜେ. ସୋରାବଜୀ, ଏବଂ ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ମଥାଇ ଏମ୍. ପିୟାକେଡେଙ୍କୁ ଶୁଣିଛୁ ।

ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟର ଅନୁଧ୍ୟାନ କରିବା ପରେ, ଯାହାକୁ ଉଲ୍ଲେଖ କରି ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା କେତେକ ଅଂଶ, ବିଶେଷ କରି ଅନୁଚ୍ଛେଦ 13 ଏବଂ 18ରେ ସେମାନଙ୍କ ଉପସ୍ଥାପନକୁ ସମର୍ଥନ କରୁଥିବା କାର୍ଯ୍ୟକ୍ଷମ ଅଂଶ ସମେତ ଦର୍ଶାଇଥିଲେ, ଆମେ ଦେଖୁଛୁ ଯେ, ଏହି ରାୟରେ କୌଣସି ହସ୍ତକ୍ଷେପର ଆବଶ୍ୟକ ନାହିଁ । ଆମେ ସନ୍ତୁଷ୍ଟ ହୋଇଛୁ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା "ବନ୍ଦ" ଏବଂ ସାଧାରଣ ଧର୍ମଘଟ କିମ୍ବା "ହରତାଳ"ର ଆହ୍ୱାନ ମଧ୍ୟରେ ଥିବା ପାର୍ଥକ୍ୟ ଅନ୍ୟ ନାଗରିକଙ୍କ ମୌଳିକ ଅଧିକାର ଉପରେ "ବନ୍ଦ"ର ପ୍ରଭାବ ସମ୍ବନ୍ଧରେ ଭଲ ଭାବରେ ବର୍ଣ୍ଣିତ ହୋଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସାମଗ୍ରିକ ଭାବେ ଲୋକଙ୍କ ମୌଳିକ ଅଧିକାର କୌଣସି ବ୍ୟକ୍ତି କିମ୍ବା କେବଳ ଏକ ବର୍ଗର ଲୋକଙ୍କ ମୌଳିକ ଅଧିକାରର ଦାବିର ଉପଯୋଗୀ ହୋଇପାରିବ ନାହିଁ । ଏହି ପାର୍ଥକ୍ୟ ଆଧାରରେ ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଏହି ଉପସଂହାରରେ ଉପନୀତ ହୋଇଛନ୍ତି ଯେ, "ବନ୍ଦ" ଡାକିବାର କିମ୍ବା ଲାଗୁ କରିବାର କୌଣସି ଅଧିକାର ନାହିଁ ଯାହା ଅନ୍ୟ ନାଗରିକଙ୍କ ମୌଳିକ ସ୍ୱାଧୀନତାର ପ୍ରୟୋଗରେ ହସ୍ତକ୍ଷେପ କରିବା ସହିତ ଅନେକ ଉପାୟରେ ଜାତୀୟ କ୍ଷତି ଘଟାଇଥାଏ । ଆମେ ଏହା ମଧ୍ୟ କହିପାରିବା ଯେ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଯୁକ୍ତି, ବିଶେଷ ଭାବେ ଅନୁଚ୍ଛେଦ 12,13 ଏବଂ 17ରେ ଦିଆଯାଇଥିବା ଯୁକ୍ତି ଏବଂ ଅନୁଚ୍ଛେଦ 18ରେ ଦିଆଯାଇଥିବା ଚୂଡ଼ାନ୍ତ ନିର୍ଣ୍ଣୟ ଏବଂ ନିର୍ଦ୍ଦେଶ ସଠିକ ଅଟେ, ଯେଉଁଥିରେ ଆମେ ସହମତ ଅଛୁ । ଆମେ ଏହା ମଧ୍ୟ ଲକ୍ଷ୍ୟ କରିପାରିବା ଯେ, ଉଚ୍ଚ ନ୍ୟାୟାଳୟ ଗୋଟିଏ ପଟେ "ବନ୍ଦ" ଏବଂ ଅନ୍ୟ ପଟେ ସାଧାରଣ ଧର୍ମଘଟ କିମ୍ବା "ହରତାଳ" ଡାକରା ମଧ୍ୟରେ ଏକ ଉପଯୁକ୍ତ ପାର୍ଥକ୍ୟ ଅଙ୍କନ କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦୃଷ୍ଟିକୋଣ ସହିତ ଆମେ ସହମତ ଅଛୁ ।

ତଦନୁସାରେ ଆବେଦନଗୁଡ଼ିକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲ ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।